# ରାଜକିଶୋର ପାଢ଼ୀଙ୍କୁ ବାଲ୍ ସାହିତ୍ୟ, ସୁବ୍ରତ ସେନାପତିଙ୍କୁ ଯୁବ ପୁରସ୍କାର

**ଭୁବନେଶ୍ୱର, ୧୮।୬ (ସୌମ୍ୟରଞ୍ଜନ ରାଉତ/ ବନ୍ଦନା ସେଠୀ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତବର୍ଷ ପାଇଁ ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଭାଷାରେ ବାଲ୍ ସାହିତ୍ୟ ପୁରସ୍କାର ପାଇବା ପାଇଁ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମନୋନୀତ ହୋଇଛନ୍ତି। ଶିଶୁ ପୁସ୍ତକ 'କେତେ ଫୁଲ ଫୁଟିଛି' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ସାହିତ୍ୟିକ ସୁବ୍ରତ କୁମାର ସେନାପତି ଯୁବ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ସେ ଏହି ପୁରସ୍କାର ପାଇବେ। ଉଭୟ ପୁରସ୍କାର ବାବଦକୁ ତାମ୍ର ଫଳକ ସହ ୫୦ହଜାର ଟଙ୍କାର ଅର୍ଥରାଶି ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ। ଏନେଇ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଘୋଷଣା କରାଯାଇଛି। ସେହିପରି ବୈଠକରେ ଯୁବ ପୁରସ୍କାର ବାବଦରେ ୨୩ଜଣ ଯୁବ ଲେଖକ ଓ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ୨୪ଜଣ ଶିଶୁ ସାହିତ୍ୟିକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଛି। ତେବେ ଡୋଗ୍ରୀ ଭାଷାର ଯୁବ ପୁରସ୍କାର ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

ପୁରସ୍କାର ସମ୍ପର୍କରେ ରାଜକିଶୋର କହିଛନ୍ତି, ପୁରସ୍କାର ପାଇବି ଜାଣିବା ପରେ ଅତ୍ୟନ୍ତ ଖୁସି ଲାଗୁଛି। ତେବେ ପୁରସ୍କାର ସହିତ ଦାୟିତ୍ୱ ମଧ୍ୟ ବଢ଼ି ଚାଲିଛି। 'କେତେ ଫୁଲ ଫୁଟିଛି' ପୁସ୍ତକରେ ବିଭିନ୍ନ ସମୟରେ ଲେଖାଯାଇଥିବା ୧୦୧ କବିତାର ସମାବେଶ ରହିଛି। ଏହି ପୁସ୍ତକରେ ଶିଶୁଠାରୁ କିଶୋର ବୟସର ପିଲାମାନଙ୍କ ପାଇଁ ବଛା ବଛା କବିତା ରହିଛି ବୋଲି ସେ କହିଛନ୍ତି। ସେହିପରି ପୁରସ୍କାର ପାଇବା ନେଇ ସୁବ୍ରତ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପୁରସ୍କାର ପାଇବା ଜାଣି ବହୁତ ଖୁସି ହେଲି। କାରଣ ପୁରସ୍କାର ଆମକୁ ପ୍ରେରଣା ଦେବା ସହ ଦାୟିତ୍ୱସମ୍ପନ୍ନ କରାଏ। ଏହି ପୁସ୍ତକରେ ମଣିଷ ମନର ବ୍ୟଥା ଓ ସମୟର ଅକୁହା କଥାକୁ ପରିପ୍ରକାଶ କରିବା ପାଇଁ ଚେଷ୍ଟା କରିଛି। ମୋର ସର୍ବଦା ପ୍ରୟାସ ରହିଛି ଯେ, ଯେଉଁ କଥା ଓଡ଼ିଆ ଭାଷାରେ କମ୍ କୁହାଯାଏ, ତାହାକୁ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରେ। ତୃତୀୟ ଲିଙ୍ଗୀ, ସମଲିଙ୍ଗୀଙ୍କ ମନର କଥାକୁ ମୁଁ ଗପ, ଉପନ୍ୟାସ ମାଧ୍ୟମରେ ଲେଖିଥାଏ। 'କଦମ୍ବବନ'ରେ ସେହିପରି କିଛି ଅକୁହା କଥାକୁ ଉଲ୍ଲେଖ କରିଛି। ଆଗକୁ ଆହୁରି ଗପ ବହି ଲେଖୁଛି ତାହା ଶୀଘ୍ର ପ୍ରକାଶିତ ହେବ ବୋଲି ସୁବ୍ରତ କହିଛନ୍ତି।

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା



ଡ. ରାଜକିଶୋର ପାଢ଼ୀ



ସୁବ୍ରତ କୁମାର ସେନାପତି

ସେହିପରି ଅସମୀୟା ଭାଷାରେ ସୁପ୍ରକାଶ ଭୂୟାଁ, ବଙ୍ଗଳାରେ ସୁଦେଷ୍ଣା ମୈତ୍ର, ବୋଡୋରେ ଅମର ଖୁଙ୍ଗୁରବୋଡୋ, ଇଂଲିଶରେ ଅଦ୍ୱୈତ କୋଟାରୀ, ଗୁଜୁରାଟୀରେ ମୟୂର ଖାବ୍ଡୁ, ହିନ୍ଦୀରେ ପ୍ରଭାତୀ ତିର୍କୀ, କନ୍ନଡ଼ରେ ଆର. ଦିଲ୍ଲୀପ କୁମାର, କଶ୍ମୀରରେ ସାଇକା ସହର, କୋଙ୍କଣୀରେ କ୍ଲିଓଫ୍ ଡାଏସ୍, ମୈଥିଳିରେ ନେହା ଝା ମଣି, ମାଲାୟାଲମ୍‌ରେ ଅଶ୍ୱିନ ପି. ଧର୍ମଜନ, ମଣିପୁରୀରେ ଏ.କେ. ଜିତେନ୍, ମରାଠୀରେ ପ୍ରଦୀପ କୋକ୍ରେ, ନେପାଳୀରେ ସୁବାସ ଠାକୁରୀ, ପଞ୍ଜାବୀରେ ମନ୍‌ଦିପ୍ ଔଲଖ୍, ରାଜସ୍ଥାନୀରେ ପୁନମ୍ ଚାନ୍ଦ ଗୋଦ୍‌ରା, ସଂସ୍କୃତରେ ଧୀରଜ୍ କୁମାର ପାଣ୍ଡେ, ସାନ୍ତାଳୀରେ ଫଗୁ ବାସ୍କେ, ସିନ୍ଧିରେ ମନ୍ଥନ ବଚାଣୀ, ତାମିଲ୍‌ରେ ଲକ୍ଷ୍ମିହର, ତେଲୁଗୁରେ ପ୍ରସାଦ ସୁରୀ ଏବଂ ଉର୍ଦ୍ଦୁରେ ନେହା ରୁବାବ୍ 'ଯୁବ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି।

'ବାଲ୍ ସାହିତ୍ୟ ପୁରସ୍କାର' ପାଇଁ ମନୋନୀତ ଅନ୍ୟମାନେ ହେଲେ ଅସମୀୟା ଭାଷାରେ ସୁରେନ୍ଦ୍ର ମୋହନ ଦାସ, ବଙ୍ଗଳାରେ ତ୍ରିଦିବ କୁମାର ଚଟ୍ଟୋପାଧ୍ୟାୟ, ବୋଡୋରେ ବିନୟ କୁମାର ବ୍ରହ୍ମ, ଡୋଗ୍ରୀରେ ପି.ଏଲ୍ ପରିହାର ଶୋକ, ଇଂଲିଶରେ ନିତିନ୍ କୁଶଲପ୍ପା ଏମ୍‌ପି, ଗୁଜୁରାଟୀରେ କିରୀଟ ବ୍ରହ୍ମଭଟ୍ଟ, ହିନ୍ଦୀରେ ସୁଶୀଲ ଶୁକ୍ଳ, କନ୍ନଡ଼ରେ କେ. ଶିବଲିଙ୍ଗପ୍ପା ହନ୍ଦିହାଳ, କଶ୍ମୀରରେ ଇଜହାର ମୁବାଶିର୍, କୋଙ୍କଣୀରେ ନୟନା ଅଦାରକର, ମୈଥିଳିରେ ମୁନି କାମତ, ମାଲାୟାଲମ୍‌ରେ ଶ୍ରୀଜିତ୍ ମୁଠେଦତ୍ତ, ମଣିପୁରୀରେ ଶାନ୍ତୋ ଏମ୍, ମରାଠୀରେ ସୁରେଶ ସାୱନ୍ତ, ନେପାଳୀରେ ସାଙ୍ଗ୍ମୁ ଲେପ୍‌ଚା, ପଞ୍ଜାବୀରେ ପାଲି ଖାଦିମ୍, ରାଜସ୍ଥାନୀରେ ଭୋଗିଲାଲ୍ ପାଟିଦାର, ସଂସ୍କୃତରୁ ପ୍ରୀତି ପୁଜାରା, ସାନ୍ତାଳୀରେ ହରଲାଲ୍ ମୁର୍ମୁ, ସିନ୍ଧିରେ ହିନା ଅଗ୍ନାନୀ, ତାମିଲ୍‌ରେ ବିଷ୍ଣୁପୁରମ ସରବନନ୍, ତେଲୁଗୁରେ ଗଞ୍ଜିସେଟ୍ଟୀ ଶିବକୁମାର ଏବଂ ଉର୍ଦ୍ଦୁ ଭାଷାରେ ଗଜନଫର୍ ଇକବାଲ୍।